## ସଂକ୍ଷେପରେ

### ଚୋରା କୋଇଲା ବ୍ୟବସାୟୀ ଗିରଫ

**ବଇଣ୍ଡା, ୨୭।୪(ଡି.ଏନ୍.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳରେ ଚୋରା କୋଇଲା ବ୍ୟବସାୟ କରୁଥିବା ଅଭିଯୋଗରେ ମଙ୍ଗଳବାର ପୋଲିସ ଦୁଷ୍ମନ୍ତ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଘର କଣିହାଁ ଥାନା କୁମୁଣ୍ଡା ଗ୍ରାମର। ଏ ନେଇ ନଂ. ୧୦୬/୨୧ରେ ଏକ ମାମଲା ରୁଜୁ ହୋଇଛି। ଦୁଷ୍ମନ୍ତ ଛେଣ୍ଡିପଦା ଅଞ୍ଚଳରୁ ଚୋରାରେ କୋଇଲା ଆଣି ହଣ୍ଡପା ଥାନା ଅଞ୍ଚଳର ବିଭିନ୍ନ ଢାବା ଓ ଇଟାଭାଟିରେ ବିକ୍ରି କରୁଥିବା ଥାନାରେ ଅଭିଯୋଗ ହୋଇଥିଲା।

### ତାଲା ଭାଙ୍ଗି ଘରୁ ଚୋରି

**ବଇଣ୍ଡା, ୨୭।୪(ଡି.ଏନ୍.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଅନ୍ତର୍ଗତ ବଇଣ୍ଡା ଦଳିତସାହିର ସୁରଜ ମୁଖିଙ୍କ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସୁନା, ରୁପା, ଟିଭି ସହ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଚୋରି କରିନେଇଛନ୍ତି। ଗତ ସୋମବାର ରାତିରେ ଏହି ଘଟଣା ଘଟିଛି। ସୁରଜ ଶ୍ୱଶୁର ଘରକୁ ଯାଇଥିବା ସୁଯୋଗରେ ଅଭିଯୁକ୍ତମାନେ ଏପରି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଅଗ୍ନିକାଣ୍ଡରେ ୪ ବଖରା ଜଳିଗଲା



**ବଇଣ୍ଡା(ଡି.ଏନ୍.ଏ.)/ମାଧପୁର ୨୭।୪:** ଆଠମଲ୍ଲିକ ବ୍ଲକ କନ୍ଧପଡା ପଞ୍ଚାୟତ ପାତ୍ରପଡ଼ା ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ଭଗବାନ ନାୟକ, ବିପିନି ନାୟକ, ସୌରୀ ନାୟକଙ୍କ ୪ ବଖରା ଚାଳ ଛପର ଘର ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଆଠମଲ୍ଲିକ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି।

### କୂଅରୁ ୫ ଫୁଟର ନାଗ ଉଦ୍ଧାର

**ଅନୁଗୋଳ ଅଫିସ, ୨୭।୪:** ଅନୁଗୋଳ ସହର ନିକଟ ଉପକଣ୍ଠ ଜାମୁନାଳୀ ଗ୍ରାମ ନିକଟରେ ଥିବା ଖୋଲା କୂଅରୁ ୫ ଫୁଟଲମ୍ବର ଏକ ନାଗ ସାପ ଉଦ୍ଧାର କରାଯାଇଛି। ଗ୍ରାମର ହର୍ଷବର୍ଦ୍ଧନ ବେହେରାଙ୍କ ବାଡ଼ିରେ ଖୋଲା ଯାଉଥିବା ଉକ୍ତ କୂଅରେ ନାଗସାପ ପଡିଥିବା ପରିବାର ସଦସ୍ୟ ଦେଖି ସର୍ପମିତ୍ର ଆଦିତ୍ୟ ବେହେରାଙ୍କୁ ଜଣାଇଥିଲେ। ଆଦିତ୍ୟ ସହଯୋଗୀ କାହ୍ନୁ ଦେହୁରୀଙ୍କ ସହ ପହଞ୍ଚି ନାଗକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦେଇଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଛେଣ୍ଡିପଦା, ୨୭।୪(ସ୍ୱ.ପ୍ର):** ଛେଣ୍ଡିପଦା ଥାନା କୁମ୍ଭାର ସାହି ନିକଟରୁ ମଙ୍ଗଳବାର ଅପରାହ୍ନରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ମଦନ ନାଏକ। ପାରିବାରିକ କଳହକୁ ନେଇ ମଦନ ଘରୁ ରାଗି ପଳାଇ ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କର ପତ୍ତା ମିଳି ନ ଥିଲା। ଅପରାହ୍ନରେ ଏକ ଆମ୍ବ ଗଛରେ ତାଙ୍କର ମୃତଦେହ ଝୁଲୁଥିବା ପରିବାର ଲୋକ ଦେଖିବାକୁ ପାଇଥିଲେ। ଛେଣ୍ଡିପଦା ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ଚିନ୍ତା ବଢ଼ାଇଲା ଡଙ୍ଗାପାଳ

**ଛେଣ୍ଡିପଦା, ୨୭।୪(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଓ ସମ୍ବଲପୁର ଜିଲା ସୀମାନ୍ତ ନୂଆଗାଁ ପଞ୍ଚାୟତ ଡଙ୍ଗାପାଳ ଗ୍ରାମରେ ସଂକ୍ରମଣ ବୃଦ୍ଧି ପ୍ରଶାସନର ଚିନ୍ତା ବଢ଼ାଇଛି। କରୋନା ଚେନ୍ ଭାଙ୍ଗିବା ଲାଗି ପ୍ରଶାସନ ପକ୍ଷରୁ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ ସମୟ ଯାଏ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଏବେ ଗ୍ରାମରୁ ୨୧ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ବାହାରିଲେଣି। ମଙ୍ଗଳବାର ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ତହସିଲଦାର ଡାନିଏଲ୍ ଏକ୍କା, ଅତିରିକ୍ତ ତହସିଲଦାର ପ୍ରକାଶ ଚନ୍ଦ୍ର ନାୟକ, ବାଗଡିଆ ଫାଣ୍ଡି ଅଧିକାରୀ ପହଞ୍ଚି ସୁରକ୍ଷିତ ରହିବାକୁ ଗ୍ରାମବାସୀଙ୍କୁ ସତର୍କ କରାଇଥିଲେ। ଏଥିସହ ଗ୍ରାମର ପ୍ରବେଶ ପଥଗୁଡିକୁ ସିଲ କରାଯାଇଥିଲା।

# ବ୍ୟଥା ବଢ଼ାଉଛି ବିଜୁଳି ବିଚ୍ଛିନ୍ନ




**ଅମିତ କୁମାର ସାମଲ**
**ଅନୁଗୋଳ ଅଫିସ, ୨୭।୪**

ତତଲା କଡ଼େଇରେ ପରିଣତ ହୋଇଛି ଅନୁଗୋଳ। ପାରଦ ୪୦ ଡିଗ୍ରୀ ପାର୍‌କଲାଣି। ଅସହ୍ୟ ଗ୍ରୀଷ୍ମପ୍ରବାହ କଲବଲ କରୁଥିବାବେଳେ କରୋନା ଆତଙ୍କରେ ଲୋକେ ଘରେ ଅଧିକ ସମୟ ବିତାଇବାକୁ ପସନ୍ଦ କରୁଛନ୍ତି। ଏଭଳି ସମୟରେ ଘନଘନ ବିଦ୍ୟୁତ୍ କାଟ ସେମାନଙ୍କ କଷ୍ଟକୁ ବହୁଗୁଣିତ କରିଦେଉଛି। ମରାମତି ଆଳରେ ବିଭାଗ ପକ୍ଷରୁ ଘଣ୍ଟା ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ୍ କାଟ ଉପଭୋକ୍ତା ଯନ୍ତ୍ରଣା ବଢ଼ାଉଥିବାବେଳେ ଜନଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ବିଦ୍ୟୁତ୍ ବିତରଣ କମ୍ପାନୀ ବଦଳିଲା। ଦର ମଧ ବଢ଼ିଲା। ଉପଭୋକ୍ତାଙ୍କୁ ଉତ୍ତମ ସେବା ଯୋଗାଇ ଦିଆଯିବ। ଲୋ ଭୋଲଟେଜ୍ ରହିବ ନାହିଁ କି ପୂର୍ବଭଳି ବିଦ୍ୟୁତ୍ କାଟ ହେବ ନାହିଁ। ଏଭଳି ସୁନେଲି ସ୍ୱପ୍ନ ଦେଖାଇଲା ବିଦ୍ୟୁତ୍ ବିଭାଗ। କିନ୍ତୁ ଅନୁଗୋଳରେ ଏଭଳି ପ୍ରତିଶ୍ରୁତି ଧୂଆଁବାଣରେ ପରିଣତ ହୋଇଛି। ସହରାଞ୍ଚଳରେ ଦିନକୁ ୩୦ରୁ ଅଧିକ ଥର ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଛି। ସମସ୍ୟା ବିଷୟରେ ପ୍ରଶ୍ନ କଲେ ମରାମତି ଚାଲିଛି ଏବଂ

- ମରାମତି ଆଳରେ ବାରମ୍ବାର କଟାଯାଉଛି
- ପ୍ରଚାର କରି ପୂର୍ବରୁ ସୂଚନା ଦେଉନି ବିଭାଗ
- ଅସହ୍ୟ ତାତିରେ ଛଟପଟ ଉପଭୋକ୍ତା

ମେଶିନ ବସାଯାଉଥିବା ସଫେଇ ଦେଉଛନ୍ତି ବିଭାଗୀୟ ଅଧିକାରୀ।

ବିନା ସୂଚନାରେ ଏଭଳି ଅଘୋଷିତ ବିଦ୍ୟୁତ୍ କାଟ ସହରାଞ୍ଚଳବାସୀଙ୍କ ସମସ୍ୟା ବଢ଼ାଇଛି। ଗତ ସପ୍ତାହରେ ବିଦ୍ୟୁତ୍ ବ୍ୟବସ୍ଥା ସଜାଡ଼ିବା ଆଳରେ ସକାଳ ୭ଟାରୁ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ବିଜୁଳି କାଟ୍ କରାଯାଇଥିଲା। ମଙ୍ଗଳବାର ମଧ ସକାଳ ୭ଟାରୁ ବିଜୁଳି ଯାଇ ମଧ୍ୟାହ୍ନ ୧୨ଟାରେ ଆସିଲା। ଏ ସମ୍ପର୍କରେ ସହରବାସୀଙ୍କୁ ପୂର୍ବରୁ ସୂଚନା ଦିଆଯାଇ ନ ଥିଲା। ତେଣୁ ସହରବାସୀଙ୍କୁ ରୋଷେଇ କାର୍ଯ୍ୟ, ମୋଟରରେ ପାଣି ଉଠାଇବା ଲାଗି ନାକେଦମ୍ ହେବାକୁ ପଡ଼ିଛି। ନିତ୍ୟକର୍ମ ପାଇଁ ଅନେକ ସୁଲଭ ଶୌଚାଳୟକୁ ଯାଇଥିବା ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳରେ ମଧ ଅନୁରୂପ ସମସ୍ୟା ଦେଖାଦେଇଛି। ଲୋ-ଭୋଲଟେଜ୍ ବୋଝ ଉପରେ ନଳିତା ବିଡ଼ା ସାଜିଛି। ବିଦ୍ୟୁତ୍ କାଟ ଓ ଲୋ ଭୋଲଟେଜ୍ ସମସ୍ୟାରେ ଲୋକେ ଦହଗଞ୍ଜ ହେଉଛନ୍ତି, ଯାହା ଜନଅସନ୍ତୋଷ ବଢ଼ାଇଲାଣି। ଆଗାମୀ ଦିନରେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଘେରିବାକୁ ଉପଭୋକ୍ତାମାନେ ପ୍ରସ୍ତୁତ ହେଉଛନ୍ତି।

#### ମରାମତି କାମ ଚାଲିଛି



ମରାମତି ଚାଲିଥିବାରୁ ବିଦ୍ୟୁତ୍ କାଟ୍ ହେଉଛି। ଏ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବାକୁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ କୁହାଯାଇଛି। ଗ୍ରୀଡ୍‌ର ନୂତନ ମେଶିନ୍ ବସୁଥିବାରୁ ସକାଳ ୭ଟାରୁ ଦିନ ୧୧ଟା ଯାଏ ବିଦ୍ୟୁତ୍ କାଟ ହୋଇଥିଲା। ଖରାଦିନେ ଅଧିକ ଲୋଡ୍ ପଡୁଥିବାରୁ ଲାଇନ୍ ଷ୍ଟାଣ୍ଡ କରୁନାହିଁ। ଫଳରେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଯାଉଛି।

-ସୁବ୍ରତ ସାହୁ, ନିର୍ବାହୀଯନ୍ତ୍ରୀ ଟିପିସିଓଡିଏଲ୍

#### ଘରେ ରହିହେଉନି



କମ୍ପାନୀ ବଦଳିବା ପରେ ଉତ୍ତମ ବିଦ୍ୟୁତ୍ ସେବା ମିଳିବ ବୋଲି ଭାବିଥିଲୁ। ହେଲେ ବିଦ୍ୟୁତ୍‌ର ଲୁଚକାଳି ଖେଳ ସମସ୍ୟା ବଢ଼ାଇଛି। ବାହାରେ ଖରା ତାତି ସହି ହେଉନି କି ଘରେ ବିନା ବିଜୁଳିରେ ରହି ହେଉନି। ବିଦ୍ୟୁତ୍ ବିଭାଗର ଏଭଳି କାର୍ଯ୍ୟ ଅସହ୍ୟ।

-ପରେଶ ଜେନା, ଅନୁଗୋଳବାସୀ

#### ବାହାନା କରି କାଟୁଛନ୍ତି



ବିଦ୍ୟୁତ୍ ବିତରଣ କମ୍ପାନୀ ପକ୍ଷରୁ ବାହାନା କରି ବିଜୁଳି କଟାଯାଉଛି। ବର୍ଷ ତମାମ ମରାମତି ଆଳରେ ବିଜୁଳି କଟାଯାଇଛି। ହେଲେ ମରାମତି କେବେ ସରିବ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀ ସ୍ପଷ୍ଟ କରୁନାହାନ୍ତି। ଦିନକୁ ୬ ଘଣ୍ଟା ବିଦ୍ୟୁତ୍ କାଟ୍ ହେବା ବାସ୍ତବରେ ଯନ୍ତ୍ରଣାଦାୟକ।

-ରଞ୍ଜନ ବାରିକ, ଅନୁଗୋଳବାସୀ

#### ସମସ୍ୟା ବଢ଼ାଉଛି ଲୋ-ଭୋଲ୍‌ଟେଜ



ସହରରେ ବାରମ୍ବାର ବିଜୁଳି କାଟ୍ ହେଉଛି ତାହା ନୁହେଁ, ଲୋ-ଭୋଲ୍‌ଟେଜ ସମସ୍ୟା ଯନ୍ତ୍ରଣା ବଢ଼ାଉଛି। ଫ୍ୟାନ୍ ବୁଲିବା ତ ଦୂରର କଥା ଲାଇଟ୍ ମଧ ଠିକ୍ ଭାବେ ଜଳୁନାହିଁ। ଖରାଦିନେ ଅଧିକ ଲୋଡ୍ ପଡୁଥିବା କହି ବିଭାଗୀୟ କର୍ତ୍ତୃପକ୍ଷ ଅଭିଯୋଗ ଏଡ଼ାଇ ଯାଉଛନ୍ତି। ସମସ୍ୟା ସମାଧାନ କରିବା ଲାଗି ବାଟ ବାହାର କରୁନାହାନ୍ତି।

-ଅନୁପ ମହାନ୍ତି, ଅନୁଗୋଳବାସୀ

# ଜିଲାପାଳଙ୍କୁ ୧୨ ଦଫା ଦାବିପତ୍ର



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଅନୁଗୋଳ ଅଫିସ, ୨୭।୪**

## କରୋନା ସ୍ଥିତିକୁ ନେଇ ଉଦ୍‌ବେଗ

ଅନୁଗୋଳ ଜିଲାରେ କରୋନା ସ୍ଥିତି ଜଟିଳ ହେବାରେ ଲାଗିଛି। ଚିକିତ୍ସା ଅବହେଳାରୁ ସ୍ଥିତି ଜଟିଳ ଆଡ଼କୁ ଗତି କରୁଛି। ରୋଗୀଙ୍କ ମୃତ୍ୟୁ ଘଟୁଛି। ଏହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛି ଜିଲା ଭାଜପା। ଏ ନେଇ ମଙ୍ଗଳବାର ଅନୁଗୋଳ ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ରାଜ୍ୟ ସମ୍ପାଦକ କାଳିନ୍ଦୀ ସାମଲ, କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଏବଂ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ୧୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି।

ଜିଲାରେ ୧୦ ଦିନ ହେଲା ହାରାହାରି ଦୈନିକ ସଂକ୍ରମଣ ୧୫୦ ଉପରେ ରହୁଛି। ଆକ୍ରାନ୍ତମାନେ ଚିକିତ୍ସାକ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାଲଲହଡ଼ାରେ ଗୃହ ସଙ୍ଗରୋଧରେ ଥିବା ଜଣେ ରୋଗୀ ଚିକିତ୍ସା ପାଇଁ ଆମ୍ବୁଲାନ୍ସକୁ ଫୋନ କଲେ ଜିଲା ଚିକିତ୍ସାଳୟରୁ ଆମ୍ବୁଲାନ୍ସ ପହଞ୍ଚି ଆଣିବାକୁ ୪ ଘଣ୍ଟା ସମୟ ଲାଗୁଛି। ଏଥିରେ ରୋଗୀଙ୍କ ଜୀବନ ହାନି ଘଟିବା ଆଶଙ୍କା ରହୁଛି। ତେଣୁ ସମସ୍ତ ଚିକିତ୍ସାଳୟରେ ଆବଶ୍ୟକ ଆମ୍ବୁଲାନ୍ସ ସୁବିଧା କରିବା, ତାଳଚେର ସେଣ୍ଟ୍ରାଲ ହସ୍ପିଟାଲ୍‌କୁ ତୁରନ୍ତ କୋଭିଡ୍ ହସ୍ପିଟାଲ ଭାବେ କାର୍ଯ୍ୟକ୍ଷମ କରିବା, ବ୍ଲକସ୍ତରରେ ଆଇସୋଲେଶନ ସେଣ୍ଟର ଖୋଲିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ବିଶ୍ୱଜିତ ମିଶ୍ର, ବିଜୟ ମାଝି, ସୋମନାଥ ରାଉତ, ପର୍ଶୁରାମ ବାରିକ, ସମୀର ପରିଡ଼ା, ଚନ୍ଦ୍ରକାନ୍ତ ଧଳ, ଚିତ୍ତରଞ୍ଜନ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ସିଡିଏମ୍‌ଓଙ୍କ ଉପରେ ଜିଲାପାଳ ଖପ୍ପା

**ଅନୁଗୋଳ ଅଫିସ, ୨୭।୪**

ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ କୋଭିଡ୍ ସମୀକ୍ଷା ବୈଠକରେ ବିଳମ୍ବରେ ପହଞ୍ଚିବାକୁ ନେଇ ସିଡିଏମ୍‌ଓଙ୍କ ଉପରେ ଖପ୍ପା ହୋଇଛନ୍ତି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ଏଭଳି ଅଭ୍ୟାସ ଛାଡ଼ିବାକୁ ଜିଲାପାଳ ତାଙ୍କୁ ତାଗିଦ୍ କରିଛନ୍ତି। ଜିଲାରେ ଦିନକୁ ଦିନ କରୋନା ଗ୍ରାଫ୍ ବଢୁଥିବାବେଳେ ଜିଲାପାଳ ଘନ ଘନ ବୈଠକ ଡାକି ସ୍ଥିତି ସମୀକ୍ଷା କରୁଛନ୍ତି। ମଙ୍ଗଳବାର ଜିଲାର କରୋନା ସ୍ଥିତି ସମ୍ପର୍କରେ ଆଲୋଚନା କରିବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସରେ ଆଲୋଚନା କରିଥିଲେ। ଏଥିପୂର୍ବରୁ ଜିଲାପାଳ ବୈଠକ ଡାକିଥିଲେ। ହେଲେ ସିଡିଏମ୍‌ଓଙ୍କ ଦେଖାମିଳି ନ ଥିଲା। ଜିଲା କାର୍ଯ୍ୟାଳୟରୁ ଫୋନ୍ ଯିବା ପରେ ସେ ବୈଠକକୁ ଆସିଥିଲେ। ଏ ନେଇ ସିଡିଏମ୍‌ଓ ଡାକ୍ତର ଅଭୟ କୁମାର ଦାସ କୁହନ୍ତି, କାର୍ଯ୍ୟବ୍ୟସ୍ତ ଥିବାରୁ ସାମାନ୍ୟ ବିଳମ୍ବ ହୋଇଥିବା ସେ ପ୍ରତିକ୍ରିୟାରେ କହିଛନ୍ତି।

# ମାମଲା ରୁଜୁ କରିବାକୁ ପଛଘୁଞ୍ଚା

- ଅବକାରୀ ବିଭାଗର କାର୍ଯ୍ୟଦକ୍ଷତା ଉପରେ
- ଡିଏସ୍‌ପିଙ୍କ ହସ୍ତକ୍ଷେପ ପରେ ଅଭିଯୁକ୍ତ କୋର୍ଟଚାଲାଣ

**ଅନୁଗୋଳ ଅଫିସ, ୨୭।୪**

ଅନୁଗୋଳ ଜିଲା ତାଳଚେର ସହରରେ ଦେଶୀ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଅବକାରୀ ବିଭାଗର କେତେଜଣ କର୍ମଚାରୀ ମଦ ବ୍ୟବସାୟୀଙ୍କ ସହ ସଲାସୂତରା କରି ଏଭଳି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇ ଆସୁଥିବାବେଳେ ସୋମବାର ଘଟିଥିବା ଏକ ଘଟଣା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏକ ଚୋରା ମଦ କାରବାର ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଅବକାରୀ ବିଭାଗର ଜଣେ ଇନ୍ସପେକ୍ଟର ମାମଲା ରୁଜୁ କରିବାକୁ ପଛଘୁଞ୍ଚା ଦେଇଥିଲେ। ଫଳରେ ଜିଲା ଅବକାରୀ ବିଭାଗର ଡିଏସ୍‌ପି ଏଥିରେ ହସ୍ତକ୍ଷେପ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛନ୍ତି।



ଜବତ କାର ସହ ଗିରଫ ଅଭିଯୁକ୍ତ।

ସୂଚନାଯୋଗ୍ୟ, ତାଳଚେର ଥାନାଅନ୍ତର୍ଗତ ଗୁରୁଜାଙ୍ଗ ଗ୍ରାମର ସାନନ୍ଦ ଦେହୁରୀ ଚୋରା ମଦ କାରବାରରେ ଗିରଫ ହୋଇଥିଲେ। ତାଙ୍କ ନିକଟରୁ ୧୬୮ ଲିଟର ଚୋରା ଦେଶୀ ମଦ ସହ ଏକ କାର୍ ଜବତ ହୋଇଛି। ସାନନ୍ଦ ରାସ୍ତାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତାଳଚେର ଅବକାରୀ ବିଭାଗକୁ ସୂଚନା ଦେଇଥିଲେ। ଅବକାରୀ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ମଦ ଜବତ କରିଥିଲେ। ତେବେ ଅଭିଯୁକ୍ତ କ୍ଷତାକ୍ତ ଥିବା ସତ୍ତ୍ୱେ ତାଙ୍କର ଚିକିତ୍ସା କରାଇଲେ ନାହିଁ, କି କୋର୍ଟ ଚାଲାଣ ମଧ କଲେ ନାହିଁ। ଏହାକୁ ନେଇ ଉତ୍ତେଜନା ଦେଖାଦେବା ପରେ ଅନୁଗୋଳ ଜିଲା ଅବକାରୀ ବିଭାଗର ଡିଏସ୍‌ପି ନୀନା ବେଉରା ତାଳଚେର ଯାଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ।

ତାଳଚେର ଅଞ୍ଚଳରେ ୨୦୨୦ ଆର୍ଥିକବର୍ଷରେ ଚୋରା ନିଶା କାରବାର ଅଭିଯୋଗରେ ୧୮୫ ମାମଲା ରୁଜୁ ହୋଇଛି। ୧୭୯ ଜଣ ଗିରଫ ହୋଇଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ୩,୪୫୯ ଲିଟର ଦେଶୀ ମଦ, ୧୭,୨୨୪ ଲିଟର ପୋଚ ଜବତ କରାଯାଇଛି। ୨୦୨୧ରେ ଅଦ୍ୟାବଧି ୧୮୩ ମାମଲା ହୋଇଛି। ତେବେ ୧୬୧ ଜଣ ଅଭିଯୁକ୍ତ ଧରା ପଡ଼ିଛନ୍ତି। ୨,୪୬୮ ଲିଟର ଦେଶୀ ମଦ ଜବତ ଏବଂ ୯୯,୩୩୦ ଲିଟର ପୋଚ ଜବତ ହୋଇଛି। ଏ ନେଇ ଅବକାରୀ ଏସ୍‌ପି ବିବେକାନନ୍ଦ ନାୟକ କହିଛନ୍ତି, ମାମଲା କାହିଁକି କମିଛି ଏହାର କୈଫିୟତ ମଗାଯିବ। ସେହିପରି ଗୁରୁଜାଙ୍ଗ ଗ୍ରାମର ଗିରଫ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କାହିଁକି କରାଗଲାନାହିଁ, ସେ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କୋଭିଡ୍ ରୋଗୀ ନେଉଥିବା ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

**ଅନୁଗୋଳ ଅଫିସ,୨୭।୪**

ଅନୁଗୋଳ ଜିଲା ବଅଁରପାଳ ଥାନା ଅନ୍ତର୍ଗତ ମହୀଧରପୁର ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରେ ମଙ୍ଗଳବାର ଏକ ଆମ୍ବୁଲାନ୍ସ-ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ତଥା ରାସୋଳ ଥାନା ଛୋଟପଡ଼ା ଗ୍ରାମର ଅଜୟ ଦେହୁରୀ ଆହତ ହୋଇଛନ୍ତି। ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରୁ କୋଭିଡ୍ ରୋଗୀ ନେଇ ଉକ୍ତ ଆମ୍ବୁଲାନ୍ସ କଟକ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ଅନ୍ୟ ଏକ ଆମ୍ବୁଲାନ୍ସରେ ସଂକ୍ରମିତ ରୋଗୀଙ୍କୁ କଟକ ନିଆଯାଇଥିବା ସିଡିଏମ୍‌ଓ ଅଭୟ କୁମାର ଦାଶ ସୂଚନା ଦେଇଛନ୍ତି। ଅନ୍ୟପଟେ ମହୀଧରପୁର ଫାଣ୍ଡିରେ ଏ ନେଇ କୌଣସି ମାମଲା ହୋଇ ନ ଥିବା ଫାଣ୍ଡି ଅଧିକାରୀ ଅଶୋକ ତ୍ରିପାଠୀ କହିଛନ୍ତି।

# ଟିକା ନେବାକୁ ଟଣାଓଟରା

**ଅନୁଗୋଳ ଅଫିସ, ୨୭।୪**

ଟିକା ନେବାକୁ ଟଣାଓଟରା। କେହି ମାନିଲେନି ସାମାଜିକ ଦୂରତ୍ୱ କି କୋଭିଡ୍ ନିୟମ। ମଙ୍ଗଳବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଅନୁଗୋଳ ସହରରେ କୋଭିଡ୍ ଟିକାକରଣ କେନ୍ଦ୍ର। ଏହାକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଭିଡ଼ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ଜନସଂଖ୍ୟା ତୁଳନାରେ ଟିକାନେବାକୁ ଅଧିକ ଲୋକ ଆସୁଛନ୍ତି। ତେଣୁ ସଦର ମହକୁମାରେ ଟିକାକରଣ କେନ୍ଦ୍ର ସଂଖ୍ୟା ବୃଦ୍ଧି କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।



ଟିକାକରଣ କେନ୍ଦ୍ରରେ ଲୋକଙ୍କ ଭିଡ଼।

- ଟିକାକରଣ କେନ୍ଦ୍ରରେ ଅଭାବନୀୟ ସ୍ଥିତି
- ଭିଡ଼ ହଟାଇବାକୁ ଯାଇ ପୋଲିସ ହଟହଟା

ସୂଚନାଯୋଗ୍ୟ, ମେଡିକାଲ ପରିସରରେ ପ୍ରଥମେ ଟିକାଦାନ କେନ୍ଦ୍ର ଚାଲିଥିଲା। ସେଠାରେ ଲୋକଙ୍କ ଗହଳି ହେବାରୁ କର୍ତ୍ତୃପକ୍ଷ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ପରେ ଜିଲା କଳାକେନ୍ଦ୍ରରେ ଟିକାକରଣ ଆରମ୍ଭ ହୋଇଥିଲା। ଏଠାରେ ୨୦୦୦ରୁ ଅଧିକ ଲୋକ ରୁଣ୍ଡ ହୋଇଥିଲେ। ଆଶାୟୀଙ୍କ ମଧ୍ୟରେ ଟିକାନେବାକୁ ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିଲା। ଭିଡ଼ ଅସମ୍ଭାଳ ହେବାରୁ ମେଡ଼ିକାଲ କର୍ତ୍ତୃପକ୍ଷ ଟିକାଦାନ କେନ୍ଦ୍ରରେ ଗ୍ରୀଲ କିଳି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଭିଡ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରି ହଟହଟା ହୋଇଥିଲା। ପରେ କେବଳ ପଞ୍ଜୀକରଣ କରିଥିବା ବ୍ୟକ୍ତିଙ୍କୁ ଟିକା ନେବାକୁ ଅନୁମତି ମିଳିଥିଲା। ମଙ୍ଗଳବାର ଟିକା ନେଇପାରି ନ ଥିବା ଲୋକଙ୍କୁ ବୁଧବାର ଆସିବାକୁ କୁହାଯାଇଛି।

ଏ ସଂକ୍ରାନ୍ତରେ କୋଭିଡ୍ ପରିଚାଳନା ଦାୟିତ୍ୱରେ ଥିବା ଏଡିଏମ୍‌ଓ ଧନଞ୍ଜୟ ବେହେରା କୁହନ୍ତି, ଜିଲାର ପ୍ରତି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ଦିଆଯାଉଛି। କିନ୍ତୁ କୋଭିଡ୍ ଭୟରେ ଲୋକମାନେ ଟିକାନେବାକୁ ଗହଳି କରୁଛନ୍ତି। ଘଟଣା ସମ୍ପର୍କରେ ସିଡିଏମ୍‌ଓଙ୍କୁ ଜଣାଯାଇଛି। ଆବଶ୍ୟକ ପଡ଼ିଲେ ଟିକାଦାନ କେନ୍ଦ୍ର ବଢ଼ାଯିବ। ବୁଧବାରଠାରୁ ଡାକବାଜି ଯନ୍ତ୍ରରେ ନାମ ଡକାଯିବ। ତଦନୁଯାୟୀ ଭିତରକୁ ଯିବାକୁ ଅନୁମତି ମିଳିବ ବୋଲି ଏଡିଏମ୍‌ଓ ବେହେରା ସୂଚନା ଦେଇଛନ୍ତି।

### ୩୯୩ ସଂକ୍ରମିତ ଚିହ୍ନଟ

ଅନୁଗୋଳ ଜିଲାରୁ ମଙ୍ଗଳବାର ୩୯୩ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଦ୍ୱିତୀୟ ଲହର ଦୈନିକ ସଂକ୍ରମଣରେ ଏହା ନୂଆ ରେକର୍ଡ। ଆଗକୁ ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ଆକଳନ କରାଯାଉଛି। ଏହାପରେ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୪ ହଜାର ୬୬୮ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। ଜିଲାରୁ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଅଁରପାଳ ବ୍ଲକର ସର୍ବାଧିକ ୯୩ଜଣ ଅଛନ୍ତି। ସେହିପରି ତାଳଚେର ବ୍ଲକରୁ ୬୫, ଛେଣ୍ଡିପଦା ବ୍ଲକରୁ ୫୭, କଣିହାଁ ବ୍ଲକରୁ ୩୭, ଅନୁଗୋଳ ପୌରାଞ୍ଚଳରୁ ୩୭, ତାଳଚେର ପୌରାଞ୍ଚଳରୁ ୩୦, କିଶୋରନଗର ବ୍ଲକରୁ ୨୮, ଅନୁଗୋଳ ବ୍ଲକରୁ ୨୧, ପାଲଲହଡା ବ୍ଲକରୁ ୧୨, ଆଠମଲ୍ଲିକ ଏନ୍‌ଏସିରୁ ୧୧ ଏବଂ ଆଠମଲ୍ଲିକ ବ୍ଲକରୁ ୨ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରୁ ୭୦ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଆକ୍ରାନ୍ତଙ୍କ ପାଇଁ ନାକେଦମ୍

ଅନୁଗୋଳ ନିଶା ଥାନା ପରଙ୍ଗ ଅଞ୍ଚଳରୁ ଚିହ୍ନଟ ହୋଇଥିବା ଜଣେ କୋଭିଡ୍ ଆକ୍ରାନ୍ତଙ୍କ ପାଇଁ ପୋଲିସ ନାକେଦମ ହୋଇଛି। ପଜିଟିଭ୍ ବୋଲି ଜଣାପଡ଼ିବା ସତ୍ତ୍ୱେ ସେ ଲୁଚକାଳି ଖେଳିଥିଲେ। ପୋଲିସ, ସ୍ଥାନୀୟ ସରପଞ୍ଚ ଏବଂ ଅଞ୍ଚଳବାସୀ ତାଙ୍କୁ ଖୋଜିଖୋଜି ନୟାନ୍ତ ହୋଇଥିଲେ। ସୂଚନାଯୋଗ୍ୟ, ଗତ ସପ୍ତାହରେ ସମ୍ପୃକ୍ତ ବ୍ୟକ୍ତି ମହାରାଷ୍ଟ୍ରସ୍ଥିତ ଶ୍ୱଶୁର ଘରକୁ ଯାଇଥିଲେ। ସେଠାରେ କରୋନା ସଂକ୍ରମଣ ବଢୁଥିବା ଦେଖି ଅନୁଗୋଳ ପଳାଇ ଆସିଥିଲେ। ଅନୁଗୋଳ ଆସିବା ପରେ ପରୀକ୍ଷା ଲାଗି ସ୍ୱାବ୍ ଦେଇ ବିଭିନ୍ନ ସ୍ଥାନରେ ବୁଲାବୁଲି କରିଥିଲେ। ଏପରି କି ଏକ କମ୍ପାନୀକୁ ଯାଇ କାମ ମଧ କରିଥିଲେ। ଇତିମଧ୍ୟରେ ମଙ୍ଗଳବାର ତାଙ୍କର ରିପୋର୍ଟ ପଜିଟିଭ୍ ଆସିଥିଲା। ତାଙ୍କୁ ମେଡିକାଲ ପକ୍ଷରୁ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ମଧ ସେ ଫୋନ୍ ଉଠାଇଥିଲେ। ଖବର ଲେଖାଯିବା ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳି ନ ଥିବା ଜଣାପଡ଼ିଛି।

### ଆଜିଠୁ ଟିଟିପିଏସ୍ କଲୋନି କଣ୍ଟେନମେଣ୍ଟ ଜୋନ

**ତାଳଚେର, ୨୭।୪(ନି.ପ୍ର.)-** ତାଳଚେର ବ୍ଲକ ଜଗନ୍ନାଥପୁର ପଞ୍ଚାୟତରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଗତ ୨୨ ତାରିଖରୁ ୨୭ ମଧ୍ୟରେ ୨୫ ସଂକ୍ରମିତ ଚିହ୍ନଟ ହୋଇସାରିଲେଣି। ସଂକ୍ରମଣ ପ୍ରତିହତ କରିବାକୁ ଜଗନ୍ନାଥପୁର ବଜାର ଛକଠାରୁ ଅଭିମନ୍ୟୁପୁର ଛକ, ଟିଟିପିଏସ୍ କଲୋନୀ ଏବଂ ଏହାର ଶିଳ୍ପାଞ୍ଚଳସ୍ଥାନ ଗୁଡିକୁ ଏପ୍ରିଲ ୨୮ ସକାଳ ୬ଟାରୁ ମେ ୪ ଯାଏ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ସେହିପରି ତାଳଚେର ବ୍ଲକ ବଡ଼ଜୋରାଡ ପଞ୍ଚାୟତ ସେଣ୍ଟ୍ରାଲ ୱାର୍କ ଶପ କଲୋନୀ, ଗୋବରା ପଞ୍ଚାୟତର ହେଭି ୱାଟର ପ୍ରୋଜେକ୍ଟ ଏବଂ ଏଫ୍‌ସିଆଇ କଲୋନୀକୁ ମଙ୍ଗଳବାରଠାରୁ ଏକ ସପ୍ତାହ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏହି ସମୟରେ ଅତ୍ୟାବଶ୍ୟକ ସେବା ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟ ବନ୍ଦ ରହିବ। ମୁଖ୍ୟ ରାସ୍ତାଗୁଡିକୁ ସିଲ୍ କରାଯିବ। ଲୋକଙ୍କ ଯାତାୟାତ ନିଷିଦ୍ଧ ହେବ। କୋଭିଡ୍ ନିୟମମାନି ଘରେ ସୁରକ୍ଷିତ ରହିବାକୁ ସରପଞ୍ଚ ନରେନ୍ଦ୍ର ନାହାକ ପଞ୍ଚାୟତବାସୀଙ୍କୁ ନିବେଦନ କରିଛନ୍ତି। ଏ ନେଇ ଅନୁଗୋଳ ଜିଲାପାଳ, ତାଳଚେର ଉପଜିଲାପାଳ, ବିଡିଓଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି।

## ସଂକ୍ଷେପରେ

### ସଂଘରୁ ନିଲମ୍ବିତ ହେଲେ ଆଇନଜୀବୀ

**କାମାକ୍ଷାନଗର, ୨୭।୪(ଡି.ଏନ୍.ଏ.):** କାମାକ୍ଷାନଗର ଆଇନଜୀବୀ ସଂଘ ସଦସ୍ୟ ତଥା ସ୍ଥାନୀୟ ଏସ୍‌ଡିଜେଏମ୍ ଅଦାଲତରେ ସରକାରୀ ଓକିଲ ଭାବେ କାର୍ଯ୍ୟରତ ଅଶୋକ କୁମାର ଖୁଣ୍ଟିଆଙ୍କୁ ସଂଘର ନିୟମିତ ସଦସ୍ୟ ପଦରୁ ଅନ୍ୟାଦେଶ ପର୍ଯ୍ୟନ୍ତ ନିଲମ୍ବିତ କରାଯାଇଛି। ସଂଘ ବିରୋଧୀ କାର୍ଯ୍ୟ ଲାଗି ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସମ୍ପାଦକ ସୂର୍ଯ୍ୟକାନ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ସୂର୍ଯ୍ୟକାନ୍ତ କହିଛନ୍ତି, କରୋନା ଭୟାବହତା ଲାଗି ଗତ ୧୫ ତାରିଖରେ ସଂଘ ସଭାପତି ଧର୍ମାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ବୈଠକରେ ଅନିର୍ଦ୍ଦିଷ୍ଟ ସମୟ ଯାଏ କୋର୍ଟ କାର୍ଯ୍ୟ ବନ୍ଦ ରଖିବା ଲାଗି ନିଷ୍ପତ୍ତି ହୋଇଥିଲା। ହେଲେ ଅଶୋକ ଏହାକୁ ଅବମାନନା କରି ୧୯ ତାରିଖରେ କୋର୍ଟ କାର୍ଯ୍ୟ ଜାରି ରଖିଥିଲେ। ଏହାପରେ ସଂଘ ପକ୍ଷରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ ପଠାଯାଇଥିଲା। ସେ ସନ୍ତୋଷଜନକ ଉତ୍ତର ଦେଇ ନ ଥିବାରୁ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ସଂକ୍ରାନ୍ତରେ ଅଶୋକ କୁହନ୍ତି, ସେ କାରଣ ଦର୍ଶାଅ ନୋଟିସର ଉତ୍ତର ଦେଇଥିଲେ। ହେଲେ ସଂଘ ଏହାକୁ ସନ୍ତୋଷଜନକ ବୋଲି ବିଚାର କରିଲାନାହିଁ।

### ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

**ପରଜଙ୍ଗ, ୨୭।୪(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳର ଜଣେ ଅପହୃତା ନାବାଳିକାଙ୍କୁ ପୋଲିସ ଗତ ସୋମବାର ସନ୍ଧ୍ୟାରେ ପୁରୀରୁ ଉଦ୍ଧାର କରିଛି। ଏହି ଘଟଣାରେ କନ୍ଦରସିଂହା ମଝିକାସାହିର ଅଭିଯୁକ୍ତ ସୁଶାନ୍ତ ନାୟକ ଗିରଫ ହୋଇଛନ୍ତି। ୨ମାସ ତଳେ ସୁଶାନ୍ତ ସମ୍ପୃକ୍ତା ନାବାଳିକାଙ୍କୁ ଅପହରଣ କରି ନେଇଯାଇଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଘଟଣା ପରେ ଅଭିଯୁକ୍ତ ଫେରାର ଥିଲେ। ମୋବାଇଲ୍ ଟ୍ରାକିଂ କରି ନାବାଳିକା ଏବଂ ଅଭିଯୁକ୍ତଙ୍କୁ ପୋଲିସ ଠାବ କରିବାରେ ସଫଳ ହୋଇଥିଲା। ଉଭୟ ପୁରୀରେ ସ୍ୱାମୀ-ସ୍ତ୍ରୀ ପରିଚୟ ଦେଇରହୁଥିଲେ। ମଙ୍ଗଳବାର ଉଭୟଙ୍କ ଡାକ୍ତରୀମାଇନା କରାଯାଇଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

### ନକଲି ନମ୍ବର ବିଶିଷ୍ଟ ଗାଡ଼ି ଜବତ, ୨ ଗିରଫ

**ପରଜଙ୍ଗ, ୨୭।୪(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଦେଇ ଯାଇଥିବା ୫୩ନଂ. ଜାତୀୟ ରାଜପଥର ବାରିହାପୁର ନିକଟରୁ ପୋଲିସ ନକଲି ନମ୍ବର ବିଶିଷ୍ଟ ଏକ ମିନିଟ୍ରକ୍ ଜବତ କରିଛି। ଏହି ଘଟଣାରେ ଲୋଧଣି ଗ୍ରାମର ଗାଡ଼ି ଡ୍ରାଇଭର ଲିଜୁ ବେହେରା (୨୨) ଏବଂ ହେଲ୍‌ପର ସମୀର ବେହେରା (୨୪) ଗିରଫ ହୋଇଛନ୍ତି। ନକଲି ନମ୍ବର ଲଗାଇ ଉକ୍ତ ଗାଡ଼ିରେ ତାଳଚେରରୁ ଭୁବନକୁ ଚୋରା କୋଇଲା ଚାଲାଣ କରାଯାଉଥିଲା। ମିନିଟ୍ରକ୍ ମାଲିକଙ୍କୁ ଧରିବାକୁ ଉଦ୍ୟମ ଚାଲିଛି। ଏ ସଂକ୍ରାନ୍ତରେ ନଂ. ୧୬୦/୨୧ରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

### ଇ-ଲାଇବ୍ରେରି ଉଦ୍‌ଘାଟିତ



**କାମାକ୍ଷାନଗର, ୨୭।୪(ଡି.ଏନ.ଏ.):** କାମାକ୍ଷାନଗର କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଇ-ଲାଇବ୍ରେରି ଉଦ୍‌ଘାଟିତ ହୋଇଯାଇଛି। ବିଡିଓ ବିକାଶ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ଶିକ୍ଷାଦାନରେ କାନପୁରା ପଞ୍ଚାୟତିରାଜ ହାଇସ୍କୁଲର ସୁନାମ ରହିଛି। ଏଠାକାର ଛାତ୍ରୀଛାତ୍ରମାନେ ପାଠପଢ଼ା ବ୍ୟତୀତ ନାଟକ, ବିଜ୍ଞାନ ପ୍ରତିଯୋଗିତାରେ ରୁଚି ରଖୁଛନ୍ତି। ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅଭିଭାବକଙ୍କ ଉଦ୍ୟମ ଯୋଗୁ ଏହା ସମ୍ଭବ ପର ହୋଇଛି। ଏହାକୁ ମଡେଲ ବିଦ୍ୟାଳୟର ପ୍ରୟୋଗଶାଳା କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ଲାଇବ୍ରେରି ପାଠପଢ଼ାରେ ସହାୟକ ହୋଇପାରିବ ବୋଲି ବିଡିଓ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ, ଲାଇବ୍ରେରିଆନ ରୋଜାଲିନ ପତି, ଲାଇବ୍ରେରି ଉପଦେଷ୍ଟା ପ୍ରହ୍ଲାଦ ସାହୁ, ଶିକ୍ଷକ ସୁରେଶ ଚନ୍ଦ୍ର ବିଶ୍ୱାଳ, ଚନ୍ଦ୍ରମଣି ଲେଙ୍କା, ଧ୍ରୁବଚରଣ ସୁନ୍ଦରାୟ, ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୱେର୍‌ରେ ହେଉ ୱାଟରପାର୍କ



ପ୍ରକଳ୍ପରେ ଜଳକ୍ରୀଡ଼ାର ମଜା ନେଉଛନ୍ତି ପର୍ଯ୍ୟଟକ।

**ସୁଧୀର କୁମାର ପରିଡ଼ା**
**କାମାକ୍ଷାନଗର, ୨୭।୪**

- ଆକର୍ଷଣ ପାଲଟିଛି ରାମିଆଳ ୱାଟର ରିଜର୍ଭର
- ବ୍ୟୟ କରାଯାଇଛି ୧କୋଟି ୫୬ ଲକ୍ଷ ଟଙ୍କା
- ଜଳ ପର୍ଯ୍ୟଟନରେ ସାମିଲ କରିବାକୁ ଦାବି

ନଦୀ, ହ୍ରଦ, ଜଳଭଣ୍ଡାରରେ ସମୃଦ୍ଧ ଓଡ଼ିଶାରେ ଜଳ ପର୍ଯ୍ୟଟନକୁ ନେଇ ରହିଛି ଅନନ୍ୟ ସମ୍ଭାବନା। ଏଭଳି ସ୍ଥାନର ବିକାଶ କରି ରାଜସ୍ୱ ବଢ଼ାଇବାକୁ ଯୋଜନା କରୁଛନ୍ତି ସରକାର। ନିକଟରେ ରାଜ୍ୟର ଏଭଳି ୪୨ଟି ସ୍ଥାନ ଚିହ୍ନଟ ହୋଇଥିବାବେଳେ ଏଥିରେ ଅନ୍ତର୍ଭୁକ୍ତ ହୋଇଛି ଢେଙ୍କାନାଳ ଜିଲାର ବ୍ରାହ୍ମଣୀ ନଦୀ। କରୋନା ମହାମାରୀ ଯୋଗୁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ସରକାରଙ୍କୁ ଦିଆଯାଇଥିବା ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେବାରେ ବିଳମ୍ବ ହୋଇପାରେ। ତେବେ କାମାକ୍ଷାନଗର ବ୍ଲକରେ ପୂର୍ତ୍ତ ବିଭାଗ ଉଦ୍ୟମରେ ରାମିଆଳ ନଦୀରେ ନିର୍ମିତ କ୍ଷୁଦ୍ର ନଦୀବନ୍ଧ (ୱେର) ପ୍ରକଳ୍ପରୁ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଜଳ ପର୍ଯ୍ୟଟନର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ବାରିହେଉଛି। ଖୁବ୍ କମ୍‌ଦିନରେ ଆଞ୍ଚଳିକ ପର୍ଯ୍ୟଟନର ନୂଆ ଠିକଣା ପାଲଟିଥିବା ଏହି ୱାଟର ରିଜର୍ଭରକୁ ୱାଟରପାର୍କ ଭାବେ ବିକଶିତ କରାଗଲେ ଢେଙ୍କାନାଳ ପର୍ଯ୍ୟଟନ ଇତିହାସରେ ନୂଆ ଅଧ୍ୟାୟ ସୃଷ୍ଟି ହେବ ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି।

ଢେଙ୍କାନାଳ ଦେଇ ପ୍ରବାହିତ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀ ଶିଳ୍ପକୁ ପାଣି ଯୋଗାଉଛି। ସେହିପରି କାମାକ୍ଷାନଗର ଏବଂ ଭୁବନ ଅଞ୍ଚଳର ଜଳସେଚନର ଲାଇଫ୍‌ଲାଇନ୍ ପାଲଟିଛି ରାମିଆଳ। ଏହି ଦୁଇ ନଦୀ ପାର୍ଶ୍ୱରେ ଅବସ୍ଥିତ ଅନେକ ଐତିହାସିକ ମନ୍ଦିର, କୀର୍ତ୍ତିରାଜି ଆଞ୍ଚଳିକ ପର୍ଯ୍ୟଟନକୁ ସମୃଦ୍ଧ କରୁଛି। ନିକଟରେ ବାଲିଗୋରଡ଼-କୋରିଆପାଳ ରାସ୍ତାର ରାମିଆଳ ନଦୀ ଉପରେ ପୂର୍ତ୍ତ ବିଭାଗ ପକ୍ଷରୁ ତିଆରି କରାଯାଇଛି କ୍ଷୁଦ୍ର ନଦୀବନ୍ଧ ବା ୱାଟର ରିଜର୍ଭର। ଏହି ପ୍ରକଳ୍ପ ଦ୍ୱାରା ଉଠାଜଳସେଚନ ମାଧ୍ୟମରେ ବାଲିଗୋରଡ଼ ଏବଂ ଜଗନ୍ନାଥପୁର ପଞ୍ଚାୟତର ୧୦ ଗ୍ରାମର ଚାଷଜମି ଜଳସେଚିତ ହୋଇପାରୁଛି। ଏହି ପ୍ରକଳ୍ପ ଲାଗି ୧କୋଟି ୭୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ୱେର ନିର୍ମାଣରେ ୧.୫୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଅନ୍ୟପଟେ ରିଜର୍ଭରରୁ ଖସୁଥିବା ପାଣିରେ ଖରାଦିନେ ଜଳକ୍ରୀଡ଼ାର ମଜା ନେବାକୁ ଭିଡ଼ ଜମୁଛି। ପ୍ରକଳ୍ପର ଉଭୟ ପାର୍ଶ୍ୱରେ ଥିବା ଆମ୍ବତୋଟା ବଣଭୋଜି ପାଇଁ ପ୍ରକୃଷ୍ଟ ସ୍ଥାନ। ନିକଟରେ ଓଡ଼ିଶାର ଜଳ ପର୍ଯ୍ୟଟନରେ ବ୍ରାହ୍ମଣୀ ନଦୀକୁ ସାମିଲ କରାଯାଇଛି। ଭୁବନ ବ୍ଲକରେ ରାମିଆଳ ନଦୀ ବ୍ରାହ୍ମଣୀ ନଦୀ ସହିତ ମିଶିଛି। ତେଣୁ ରାମିଆଳକୁ ମଧ୍ୟ ଏଭଳି ପର୍ଯ୍ୟଟନରେ ଅନ୍ତର୍ଭୁକ୍ତ କରାଗଲେ ଏହି ୱାଟର ରିଜର୍ଭର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପର୍ଯ୍ୟଟନର ନୂଆ ଠିକଣା ପାଲଟିବ ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି।

### ରାମିଆଳରେ ଆହୁରି ୩ ପ୍ରକଳ୍ପ ଯୋଜନା



ରାମିଆଳ ନଦୀରେ ଏଭଳି ଅନ୍ୟ ୩ଟି ପ୍ରକଳ୍ପ କରାଯିବାକୁ ଯୋଜନା ରହିଛି। ପୂର୍ତ୍ତ ବିଭାଗ ମନ୍ତ୍ରୀଙ୍କ ଉଦ୍ୟମରେ ଭୁବନ ବ୍ଲକର ଯମୁନାକୋଟରେ ଏକ ପ୍ରକଳ୍ପର ନିର୍ମାଣ ଶେଷ ହୋଇଛି। ରେକୁଲା ଏବଂ ଆଳତୁମାରେ ଅନ୍ୟ ୨ ପ୍ରକଳ୍ପ କରାଯିବ। ବାଲିଗୋରଡ଼ ନିକଟ ପ୍ରକଳ୍ପରେ ପର୍ଯ୍ୟଟନଙ୍କୁ ଆକୃଷ୍ଟ କରିବାକୁ ଏକ ମିନି ପାର୍କ ନିର୍ମାଣ ହେବ। ପର୍ଯ୍ୟଟକଙ୍କ ସୁରକ୍ଷାକୁ ନଜରରେ ରଖି ନୌବିହାର ଏବଂ ମନୋରଞ୍ଜନ ବ୍ୟବସ୍ଥା କରିବାକୁ ଯୋଜନା କରାଯାଉଛି।

—ମନୋରଞ୍ଜନ ବିଶ୍ୱାଳ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ

### ଅଳ୍ପଦିନରେ ପିକ୍‌ନିକ୍ ସ୍ପଟ୍ ପାଲଟିଛି



ରାମିଆଳରେ ନିର୍ମିତ ଏହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ ଚାଷୀମାନେ ସବୁ ଋତୁରେ ଚାଷ କରିପାରୁଛନ୍ତି। ଆଖପାଖ ଅଞ୍ଚଳର ଲୋକେ ଆସି ଜଳକ୍ରୀଡ଼ାର ମଜା ନେବା ସହ ଏହି ସ୍ଥାନରେ ସମୟ ବିତାଇବାକୁ ଆଗ୍ରହ ଦେଖାଉଛନ୍ତି। ଉଭୟ ପାର୍ଶ୍ୱରେ ଆମ୍ବ ତୋଟା ଥିବାରୁ ଏହା ପିକ୍‌ନିକ୍ ସ୍ପଟ ପାଲଟିଛି। ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥା କରାଯିବା ଜରୁରୀ।

—ଚନ୍ଦ୍ରମଣି ଲେଙ୍କା, ବାଲିଗୋରଡ଼

### ସରକାର ଗୁରୁତ୍ୱ ଦେଲେ ରାଜସ୍ୱ ବଢ଼ିବ



ସମ୍ପର୍କୀୟଙ୍କଠାରୁ ଏଭଳି ଏକ ସ୍ଥାନ ବିଷୟରେ ଜାଣିବାକୁ ପାଇ ଆସିଥିଲି। ବାସ୍ତବରେ ଏହା ଏକ ଉପଭୋଗ୍ୟ କରିବା ଭଳି ସ୍ଥାନ। ବନ୍ଧରୁ ତଳକୁ ଖସୁଥିବା ପାଣିରେ ଗାଧୋଇବାର ମଜା ନିଆରା। ଏହାର ବିକାଶ ଏବଂ ପ୍ରଚାରପ୍ରସାର କରାଗଲେ ରାଜ୍ୟ ବାହାରର ବହୁ ପର୍ଯ୍ୟଟକ ଏଠାକୁ ଆସନ୍ତେ। ସରକାର ଗୁରୁତ୍ୱ ଦେଲେ ପର୍ଯ୍ୟଟନ ଋତୁରେ ଅଧିକ ରାଜସ୍ୱ ଆଦାୟ ହୋଇପାରନ୍ତା।

—ବନ୍ଦନା ବରାଳ, ତାଳଚେର

### ସନ୍ତରଣ ପ୍ରଶିକ୍ଷଣ ଲାଗି ପ୍ରକୃଷ୍ଟ ସ୍ଥାନ



ରାମିଆଳ ନଦୀର ଏହି ପ୍ରକଳ୍ପ ଖୁବ୍ କମ୍ ଦିନରେ ପର୍ଯ୍ୟଟନ ସ୍ଥଳ ପାଲଟିଛି। ବିଭିନ୍ନ ସ୍ଥାନରୁ ବହୁ ପର୍ଯ୍ୟଟକ ଆସୁଛନ୍ତି। ଏହାକୁ ୱାଟରପାର୍କ ଭାବେ ବିକଶିତ କରାଗଲେ ସ୍ଥାନୀୟ ଲୋକଙ୍କୁ ରୋଜଗାର ମିଳିପାରିବ। ସନ୍ତରଣ ଶିଖିବା ଏହା ଏକ ପ୍ରକୃଷ୍ଟ ସ୍ଥାନ। ଏଠାରେ ଏକ ସନ୍ତରଣ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଗଲେ ଭଲ ହୁଅନ୍ତା। ଏଥିସହ ସୁରକ୍ଷା ବ୍ୟବସ୍ଥା, ଜଗୁଆଳି ମୁତୟନ କରାଯିବାର ଆବଶ୍ୟକତା ରହିଛି।

—ଦେବୀଦତ୍ତ ମହାପାତ୍ର, ମାଳପୁରା

### ସୁରକ୍ଷା ବ୍ୟବସ୍ଥାକୁ ଅଗ୍ରାଧିକାର ଦିଆଯିବା ଜରୁରୀ



ସୁରକ୍ଷାକୁ ଅଗ୍ରାଧିକାର ଦେଇ ବୋଟିଂ ବ୍ୟବସ୍ଥା କରାଗଲେ ପର୍ଯ୍ୟଟକମାନେ ମନୋରଞ୍ଜନ କରିପାରନ୍ତେ। ସନ୍ଧ୍ୟା ସମୟରେ ଆଲୋକୀକରଣ ବ୍ୟବସ୍ଥା, ଅଧିକ ପେଡାଲ ବୋଟ୍ ସୁବିଧା ହେଲେ ଭଲ ରାଜସ୍ୱ ଆଦାୟ ହୋଇପାରିବ। ବର୍ଷାଦିନ ନଦୀରେ ବଢ଼ି ଆସୁଥିବାରୁ ପର୍ଯ୍ୟଟକଙ୍କ ଲାଗି ବିପଦ ସମ୍ଭାବନା ରହିଛି। ଏଥିପ୍ରତି ପ୍ରଶାସନ ନଜର ନ ଦଲେ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି।

—ଅବିନାଶ ବରାଳ, କାମାକ୍ଷାନଗର

## ମହିଳା ସରପଞ୍ଚଙ୍କୁ ସଂଘବଦ୍ଧ ଆକ୍ରମଣ

**ପରଜଙ୍ଗ, ୨୭।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କଙ୍କିଳି ପଞ୍ଚାୟତ ସରପଞ୍ଚ ରେଣୁବାଳା ପଲେଇ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଛନ୍ତି। ଗ୍ରାମର ଏକ ପରିବାରର ୫ ଜଣ ସଦସ୍ୟ ତାଙ୍କୁ ଅତି ନିର୍ମମ ଭାବେ ମାଡ଼ ମାରୁଥିବା ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାରେ ଉଭୟ ପକ୍ଷ ପରସ୍ପର ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ କରୋନା ସମୟରେ ସରକାରୀ ନିର୍ଦ୍ଦେଶରେ ପଞ୍ଚାୟତ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା। ଗ୍ରାମର ଏକ ମହିଳା ଗୋଷ୍ଠୀକୁ ଏହି ଦାୟିତ୍ୱ ଦିଆଯାଇଥିଲା। ତେବେ ନିୟୋଜିତ ମହିଳା ଗୋଷ୍ଠୀ ଅଦ୍ୟାବଧି ଉକ୍ତ କାମର ପାରିଶ୍ରମିକ ପାଇ ନ ଥିବା ଅଭିଯୋଗ କରି ଆସୁଥିଲେ। ସୋମବାର ଅପରାହ୍ଣରେ ମହିଳା ଗୋଷ୍ଠୀର ସଦସ୍ୟା ଏବଂ ଅନ୍ୟ କେତେଜଣ ସରପଞ୍ଚଙ୍କ ଘରକୁ ଯାଇ କରୋନା ସମୟରେ ଦିଆଯାଇଥିବା ଖାଦ୍ୟ ବଣ୍ଟନ ବିଲ୍ ସମ୍ପର୍କିତ ଫାଇଲ ମାଗିଥିଲେ। ନିର୍ବାହୀ ଅଧିକାରୀ ଆସିଲେ ଫାଇଲ ଦେବାକୁ ସରପଞ୍ଚ ଏବଂ ତାଙ୍କ ସ୍ୱାମୀ କହିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ହୋଇ ମାର୍‌ପିଟ୍ ଯାଏ କଥା ଯାଇଥିଲା। ଘଟଣାରେ ଅଦ୍ୟାବଧି କେହି ଗିରଫ ହୋଇନାହାନ୍ତି। ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ କହିଛନ୍ତି।

## ୧୨ ଆକ୍ରାନ୍ତ, ୩୯ ସୁସ୍ଥ

**ଢେଙ୍କାନାଳ ଅଫିସ, ୨୭।୪**

ଢେଙ୍କାନାଳ ଜିଲାରୁ ମଙ୍ଗଳବାର ୧୨ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିସହ ୩୯ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଗଁଦିଆ ବ୍ଲକର ୫, ଢେଙ୍କାନାଳ ପୌରାଞ୍ଚଳର ୨, କାମାକ୍ଷାନଗର ବ୍ଲକର ୨ ଓ ଏନ୍‌ଏସିର ୨, ପରଜଙ୍ଗ ବ୍ଲକର ଜଣେ ଅଛନ୍ତି। ଏଯାଏ ଜିଲାରୁ ମୋଟ ୬,୦୨୪ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୫,୮୨୨ଜଣ ସୁସ୍ଥ ହୋଇ ସାରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# 'ରତ୍ନପ୍ରଭାଙ୍କ ଅବଦାନ ଅତୁଳନୀୟ'

**ଢେଙ୍କାନାଳ ଅଫିସ, ୨୭।୪**

ଢେଙ୍କାନାଳର ରାଜମାତା ରତ୍ନପ୍ରଭା ଦେବୀଙ୍କ ବିଂଶତମ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ଆଦିଶ ଦରବାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ସକ୍ରିୟ ନାଗରିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ରାଜମାତା ରତ୍ନପ୍ରଭା ଦେବୀ ଚିରନମସ୍ୟ। ସାମାଜିକ ସଂସ୍କାରରେ ତାଙ୍କ ଅବଦାନ ଅତୁଳନୀୟ। ସହରର ସମସ୍ତ ଜଳାଶୟର ନାମକୁ ଷ୍ଟିଲ ଫ୍ରେମ୍ ଫଳକରେ ଲେଖିବା ନେଇ ପରିଷଦ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ନିର୍ବାହୀ ଅଧିକାରୀ ଗ୍ରହଣ କରିଥିଲେ। ଏହି ଅବସରରେ ସେ ରତ୍ନପ୍ରଭା ମାର୍ଗ ଲିଖିତ ସୂଚନା ଫଳକକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ରତ୍ନପ୍ରଭା ଦେବୀଙ୍କ ସମ୍ମାନାର୍ଥେ ଢେଙ୍କାନାଳ ମହିଳା ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀ ଖୋଲିବାକୁ ଦାବି କରିଥିଲେ। ପରିଷଦର ସାଧାରଣ ସମ୍ପାଦକ ରାଜୀବ ଲୋଚନ ସିଂଦେଓ ରାଜାମାତାଙ୍କ ଦ୍ୱାରା ସ୍ଥାପିତ ସପ୍ତଶଯ୍ୟା ପୀଠରେ ଏକ ରୋପୱେ ବ୍ୟବସ୍ଥା କରିବା ଲାଗି ପ୍ରସ୍ତାବ ରଖିଥିଲେ। ୧୯୫୭ରୁ ୧୯୭୧ ଯାଏ ରାଜମାତା ରତ୍ନପ୍ରଭା ଦେବୀ ଢେଙ୍କାନାଳ ଜିଲାରୁ ୩ଥର ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ସମୟରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା ବୋଲି ଅତିଥିମାନେ କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ସମ୍ମାନିତ ବକ୍ତା ପ୍ରତାପ ଦାସ, ସୁକାନ୍ତ ମିଶ୍ର, ସୁନୀଲ ଦାଶ, ଶିକ୍ଷାବିତ୍ ବିଶ୍ୱନାଥ ମହାପାତ୍ର, ସମୀର ସାହୁ, ବିପ୍ରବର ସାହୁ, ବସନ୍ତ ପଟ୍ଟନାୟକ, ମଳୟ ପାଣିଗ୍ରାହୀ, ଗିରିଜା ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ରତ୍ନପ୍ରଭା ଦେବୀ ସମ୍ମାନରେ ସାମାଜିକ କର୍ମୀ ପୁଷ୍ପାଞ୍ଜଳି ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ଅଖିଳ ମହାପାତ୍ର ସ୍ୱାଗତ ଭାଷଣ ଏବଂ ଆବାହକ କୃଷ୍ଣଚନ୍ଦ୍ର ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।




ରାଜମାତା ରତ୍ନପ୍ରଭା ଦେବୀଙ୍କ ଶ୍ରାଦ୍ଧବାର୍ଷିକୀରେ ସ୍ମରଣିକା ଉନ୍ମୋଚନ କରାଯାଉଛି।

## ଫଟୋରେ ଖବର...



ଢେଙ୍କାନାଳ ସହର ହୀରାସାଗର ନିକଟରେ ଚୈତ୍ର ପୂର୍ଣ୍ଣିମା ଉପଲକ୍ଷେ ଅନୁଷ୍ଠିତ ଝାମୁଯାତ୍ରା।

# କବିତା ପାଠୋତ୍ସବ

**ଅନୁଗୋଳ ଅଫିସ, ୨୭।୪**

ଓଡ଼ିଶା ରାଷ୍ଟ୍ରୀୟ କବି ସଙ୍ଗମ୍ ଅନୁଗୋଳ ଶାଖା ଆନୁକୂଲ୍ୟରେ ଅନ୍ତଃରାଷ୍ଟ୍ରୀୟ କାବ୍ୟଯାତ୍ରା, ଅନ୍‌ଲାଇନ ଶ୍ରୀରାମ କଥାମୃତ ସହିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜିକା ଅନିତା ପାଣିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ, ମୁଖ୍ୟବକ୍ତା ପ୍ରଫେସର ଶାନ୍ତନୁ କୁମାର ସର, ସମ୍ମାନିତ ଅତିଥି ଭାବେ ପଣ୍ଡିତ ମହେଶ ସାହୁ, ରାଷ୍ଟ୍ରୀୟ କବି ସଙ୍ଗମ୍‌ର ଅଶୋକ ବତ୍ରା, ମହେଶ ଶର୍ମା, ରାମକିଶୋର ଶର୍ମା, ପୁଷ୍ପା ସିଂଘୀ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀରାମନବମୀ ତିଥିରୁ ଏହି କାବ୍ୟଯାତ୍ରାର ହୋଇଛି। ଏହା ଶ୍ରୀଲଙ୍କାରୁ ଅଯୋଧ୍ୟା ଯାଏ ପରିକ୍ରମା କରିବ ବୋଲି ମହେଶ ଶର୍ମା ସୂଚନା ଦେଇଥିଲେ। ଦୀନେଶ ମାଲୀ, ଶର୍ମିଷ୍ଠା ସାହୁ, ତ୍ରିନାଥ ସାହୁ ପ୍ରମୁଖ କବିତା ପାଠ କରିଥିଲେ। ସଚ୍ଚିକାନ୍ତ ଖୁଣ୍ଟିଆ, ବିଭୂତି ଭୂଷଣ ସ୍ୱାଇଁ, ରମେଶ ମିଶ୍ର, କମଳିନୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ସବ୍ୟସାଚୀ ବିଶୋଇ ଧନ୍ୟବାଦ ଦେଇଥିଲେ।

# ତଳେ ପଡ଼ିଛି ସିସିଟିଭି କେବୁଲ

**କାମାକ୍ଷାନଗର, ୨୭।୪(ଡି.ଏନ.ଏ.)**



ଢେଙ୍କାନାଳ ଜିଲା କାମାକ୍ଷାନଗର ସହରରେ ଆପରାଧିକ କାର୍ଯ୍ୟକଳାପ ରୋକିବା, ଟ୍ରାଫିକ୍ ନିୟମ ଜଗିବା ଲାଗି ୫ ମାସ ତଳେ ବିଭିନ୍ନ ସ୍ଥାନରେ ଖଞ୍ଜା ଯାଇଥିଲା ୧୪ ସିସିଟିଭି କ୍ୟାମେରା। ହେଲେ ମାସେ ହେଲା ସିସିଟିଭି କେବୁଲ ତଳେ ପଡ଼ିଛି। ଏହାକୁ ସଜାଡ଼ିବା ଲାଗି କୌଣସି ପଦକ୍ଷେପ ନିଆଯାଉନାହିଁ, ଯାହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

ସହରରେ ଘଟୁଥିବା ଆପରାଧିକ କାର୍ଯ୍ୟକଳାପରେ ଅଙ୍କୁଶ ଲଗାଇବାକୁ ଏନ୍‌ଏସି ତରଫରୁ ୯ଲକ୍ଷ ୫୦ହଜାର ଟଙ୍କା ବ୍ୟୟରେ ଗତ ଅକ୍ଟୋବରରେ ସିଟିଭି ଲଗାଯାଇଥିଲା। ସ୍ଥାନୀୟ ଥାନାରୁ ଏହାର ମନିଟରିଂ କରାଯାଉଥିଲା। ହେଲେ କେବୁଲ ତଳେ ପଡ଼ିରହିଥିବାବେଳେ ଏହା ଚୋରି ହୋଇଯିବା ଆଶଙ୍କା ଦେଖାଦେଇଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ବିରଜା ପ୍ରସାଦ ରଥଙ୍କୁ ଅଭିଯୋଗ ସମ୍ପର୍କରେ ପଚାରିବାରେ ସେ ପ୍ରଥମେ ଏଭଳି ହୋଇ ନ ଥିବା କହିଥିଲେ। ପରେ ଥାନା କର୍ତ୍ତୃପକ୍ଷ ତାଙ୍କୁ ଏ ନେଇ ସୂଚନା ଦେଇ ନ ଥିବା କହିଥିଲେ। ତାର ଛିଣ୍ଡିଥିଲେ ସଜଡ଼ାଯିବ ବୋଲି ସେ କହିଛନ୍ତି।

# ନୂଆ ରୂପନେବ ନୂଆପୋଖରୀ

**ଢେଙ୍କାନାଳ ଅଫିସ, ୨୭।୪**

- ବିକାଶ ଲାଗି ୪.୭୨ କୋଟିର ପ୍ରସ୍ତାବ
- ଜଳାଶୟକୁ କରାଯିବ ଦଳମୁକ୍ତ, ଗଭୀର
- ପ୍ରାତଃ, ସନ୍ଧ୍ୟା ଭ୍ରମଣ ଲାଗି ହେବ ଚଲାପଥ
- ମନ୍ଦିର ପୁନରୁଦ୍ଧାର ସହ ତିଆରି ହେବ ପାର୍କ



ନୂଆପୋଖରୀ।

ନୂଆରୂପ ନେବ ଢେଙ୍କାନାଳ ପୌରାଞ୍ଚଳର ପୁରାତନ ନୂଆପୋଖରୀ (ଭାଗୀରଥି ସାଗର)। ଏହାର ଉନ୍ନତୀକରଣ ଲାଗି ପୌରସଂସ୍ଥା ପକ୍ଷରୁ ସରକାରଙ୍କୁ ୪ କୋଟି ୭୨ଲକ୍ଷ ଟଙ୍କାର ପ୍ରସ୍ତାବ ଦିଆଯାଇଛି। ପ୍ରସ୍ତାବ ଅନୁମୋଦିତ ହେଲେ କାର୍ଯ୍ୟ ଆରମ୍ଭ ହେବ। ଏଥିଲାଗି ପୌରସଂସ୍ଥା ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି।

ସରକାରଙ୍କୁ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ, ପୋଖରୀର ଦଳ ସଫା କରାଯିବା ସହ ଅଧିକ ଗଭୀର କରାଯିବ। ଏହା ମଝିରେ ଥିବା ମନ୍ଦିରର ଉନ୍ନତୀକରଣ କରାଯିବ। ପୋଖରୀ କୂଳରୁ ମନ୍ଦିର ଯାଏ ଏକ ପାଥୱେ ନିର୍ମାଣ ହେବ। ଏହାର ଚାରିପଟେ ପ୍ରାତଃ ଓ ସନ୍ଧ୍ୟାରେ ଭ୍ରମଣ ଲାଗି ଚଲାପଥ କରାଯିବ। ଜଳାଶୟ ନିକଟରେ ଅତ୍ୟାଧୁନିକ ପାର୍କ ନିର୍ମାଣ ହେବ। ପୋଖରୀ ଚତୁଃପାର୍ଶ୍ୱରୁ ଆଲୋକୀକରଣ ସହ ବୋଟିଂ ବ୍ୟବସ୍ଥା ରହିବ। ସୂଚନାଯୋଗ୍ୟ, ଶୀତଦିନେ ବିଦେଶୀ ପକ୍ଷୀଙ୍କ କଳରବରେ ମୁଖରିତ ହୋଇଉଠେ ନୂଆପୋଖରୀ। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଏହି ପ୍ରାଚୀନ ଜଳାଶୟ ଦଳରେ ଭର୍ତ୍ତି ହୋଇଛି। ତେଣୁ ବୋଟିଂ ବ୍ୟବସ୍ଥା କରିବା ସମ୍ଭବପର ହେଉନାହିଁ।

ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ କୁହନ୍ତି, ସବୁ ଜିଲା ସଦର ମହକୁମାରେ ଭଲ ପାର୍କ କରିବା ଲାଗି ସରକାର ପ୍ରସ୍ତାବ ମାଗିଥିଲେ। ତଦନୁଯାୟୀ ନୂଆ ପୋଖରୀର ନାମ ସୁପାରିସ କରାଯାଇଛି। ସରକାରଙ୍କୁ ୪କୋଟି ୭୨ଲକ୍ଷର ପ୍ରସ୍ତାବ ଦିଆଯାଇଛି। ପ୍ରସ୍ତାବ ଅନୁମୋଦନ ହେବା ପରେ ତୁରନ୍ତ କାର୍ଯ୍ୟ ଆରମ୍ଭ ହେବ।

